# ଯୀଶୁଙ୍କ ବାକ୍ୟ ଯୀଶୁଖ୍ରୀଷ୍ଟ

| | |
|---|---|
| *ଅଧ୍ୟାୟ 1:1* | *ଆରମ୍ଭରେ ପରମେଶ୍ବର ଆକାଶ ଓ ପୃଥିବୀକୁ ସୃଷ୍ଟି କଲେ।* |
| *ରୋମାନ୍ 3:23* | *ସମସ୍ତେ ପାପ କରିଛନ୍ତି ଓ ପରମେଶ୍ବରଙ୍କ ମହିମା ପାଇବା ରେ ଊଣା ପଡ଼ିଛନ୍ତି।* |
| *ଜନ୍ 8:34* | *ଯୀଶୁ ଉତ୍ତର ଦେଲେ, "ମୁଁ ତୁମ୍ଭକୁ ସତ୍ଯ କହୁଛି। ପ୍ରେତ୍ୟକକ ପାପ କରୁଥିବା ଲୋକ ହେଉଛି ଜଣେ କ୍ରୀତଦାସ। ପାପ ତା'ର ପ୍ରଭୁ।* |

ଇଶ୍ୱର ଆମକୁ ସୃଷ୍ଟି କଲେ କିନ୍ତୁ ଆମେ ଇଶ୍ୱରଙ୍କୁ ଜାଣିନାହୁଁ.ଆମର ପାପମୟ ପ୍ରକୃତି ଯୋଗୁଁ ଆମେ ତାଙ୍କଠୁଁ ଅଲଗା ହୋଇଯାଇଛୁ.ଇଶ୍ୱରଙ୍କ ବିନା ଆମ ଜୀବନର କିଛି ଅର୍ଥ ନାହିଁ ଏବଂ ଉଦ୍ଦେଶ୍ୟ ବି କିଛି ନାହିଁ.ଆମ ପାପର ପରିଣାମ ହେଉଛି ଉଭୟ ଶାରିରୀକ ଏବଂ ଆଧାତ୍ମିକ ମୃତ୍ୟୁ.ଆଧାତ୍ମିକ ମୃତ୍ୟୁର ଅର୍ଥ ହେଲା ଇଶ୍ୱରଙ୍କଠୁଁ ଅଲଗା ହେବା.ଶାରିରୀକ ମୃତ୍ୟୁର ଅର୍ଥ ହେଉଛି ଶରୀରର କ୍ଷୟ.ଆମେ ଯଦି ଏଇ ପାପରେ ରହି ମୃତ୍ୟୁବରଣ କରିବା ଭଗବାନଙ୍କଠୁଁ ଚିରଦିନ ପାଇଁ ଅଲଗା ହୋଇଯିବା ଏବଂ ନର୍କରେ ମୃତ୍ୟୁବରଣ କରିବା.ଏଇ ପାପାରୁ ଆମେ କେମିତି ମୁକ୍ତି ପାଇବା ଏବଂ ଇଶ୍ୱରଙ୍କ ପାଖକୁ ଫେରିଯିବା?ଆମେ ନିଜେ ନିଜକୁ ମୁକ୍ତି ଦେଇପାରିବାନି କାରଣ ଜଣେ ପାପୀ ପକ୍ଷରେ ଏହା ଅସମ୍ଭବ(ଯେମିତି ଏକ ବୁଡ଼ିଯାଉଥିବା ମଣିଷ ନିଜକୁ ବଞ୍ଚାଇ ପାରେନି).ଅନ୍ୟମାନେ ମଧ ଆମକୁ ବଞ୍ଚାଇ ପାରିବେନି କାରଣ ସେମାନେ ମଧ ପାପୀ(ଜଣେ ବୁଡ଼ିଯାଉଥିବା ମଣିଷ ଯେମିତି ଅନ୍ୟକୁ ବଞ୍ଚାଇ ପାରିବନି).ଯିଏ ପାପରହିତ ତାଙ୍କୁ ହିଁ ଆମେ ଆବଶ୍ୟକ କରୁଁ ଆମକୁ ପାପରୁ ମୁକ୍ତି ଦେବା ପାଇଁ.କେବଳ ଜଣେ ପାପରହିତ ବ୍ୟକ୍ତି ହିଁ ଆମକୁ ବଞ୍ଚାଇ ପାରିବେ.ପାପମୟ ଜଗତରେ ଯେଉଁଠି ସମସ୍ତେ ପାପ କରିଛନ୍ତି,ସେଇଠି କେମିତି ଜଣେ ପାପରହିତ ବ୍ୟକ୍ତି ପାଇବା ?

| | |
|---|---|
| *ରୋମାନ୍ ୬: ୨୩* | *ପାପର ମୂଲ୍ୟ ହେଉଛି ମୃତ୍ୟୁ,କିନ୍ତୁ ଇଶ୍ୱରଙ୍କ ଉପହାର ହେଉଛି ଯୀଶୁଖ୍ରୀଷ୍ଟଙ୍କଠାରେ ଶାଶ୍ୱତ ଜୀବନ.* |
| *ଜନ୍ ୩: ୧୬* | *ଇଶ୍ୱର ଜଗତକୁ ଏତେ ଭଲ ପାଇଲେ ଯେ ସେ ତାଙ୍କର ପୁତ୍ରଙ୍କୁ ପ୍ରେରଣ କଲେ.ଯିଏ ତାଙ୍କୁ ଭଲ ପାଇବ ସେ ଚିର ଅମର ହୋଇ ରହିବ.* |
| *ମ୍ୟାଥ୍ୟୁ ୧: ୨୩* | *ଦେଖ,ମେରୀଙ୍କଠାରେ ଏକ ଶିଶୁପୁତ୍ର,ଏବଂ ସେମାନେ ତାର ନାଁ ଦେଲେ "ଇମାନୁଏଲ୍",ଯାହାର ଅର୍ଥ ହେଉଛି "ଇଶ୍ୱର ଆମ ସହ ଅଛନ୍ତି."* |
| *ଜନ୍ ୮: ୨୩* | *ଏବଂ ସେ ସେମାନଙ୍କୁ କହିଲେ, ତୁମେ ପାତାଳରୁ ଆସିଛ ଆଉ ଏଇ ଜଗତର,ମୁଁ ଏଇ ଜଗତର ନୁହେଁ.* |
| *ମାର୍କ ୧: ୧୧* | *ତାପରେ ସ୍ୱର୍ଗରୁ ଏକ ସ୍ୱର ଆସିଲା,ତୁମେ ମୋର ପ୍ରିୟ ସନ୍ତାନ,ଯାହାଠାରେ ମୁଁ ପ୍ରୀତ.* |
| *ଜନ୍ ୮: ୩୬* | *ତେଣୁ ଯଦି ସନ୍ତାନ ତୁମକୁ ମୁକ୍ତି ଦେବେ,ତୁମେ ନିଶ୍ଚୟ ମୁକ୍ତି ପାଇବ.* |
| *ଜନ୍ ୩: ୩* | *ଯୀଶୁ ଉତ୍ତର ଦେଲେ,ଜଣେ ଆଉଥରେ ଜନ୍ମ ନହେଲା ଯାଏ,ଇଶ୍ୱରଙ୍କ ରାଜ୍ୟ ସେ ଦେଖିପାରିବନି.* |
| *ଜନ୍ ୧: ୧୨* | *କିନ୍ତୁ ଯେଉଁମାନେ ତାଙ୍କୁ ଗ୍ରହଣ କଲେ ଏବଂ ତାଙ୍କ ନାମକୁ ବିଶ୍ୱାସ କଲେ,ସେମାନଙ୍କୁ ଇଶ୍ୱରଙ୍କ ସନ୍ତାନ ହେବାର ଅଧିକାର ସେ ଦେଲେ.* |

ଇଶ୍ୱର ଯିଏ ଆମକୁ ସୃଷ୍ଟି କଲେ ଏବଂ ଯିଏ ଆମକୁ ଭଲ ପାଆନ୍ତି,ସେ ହିଁ ତାର ସମାଧାନ ଦେଲେ.ଆମକୁ ସେ ଏତେ ଭଲ ପାଉଥିଲେ ଯେ ସେ ନିଜ ସନ୍ତାନକୁ ଆମ ପାଖକୁ ପ୍ରେରଣ କଲେ,ଆମର ପାପ ପାଇଁ ମୃତ୍ୟୁବରଣ କରିବାକୁ.ଯୀଶୁ ହେଉଛନ୍ତି ପାପରହିତ କାରଣ ସେ ଏଇ ଜଗତର ନୁହଁନ୍ତି ଏବଂ  ପାପ ପ୍ରତି ପ୍ରେତାତ୍ମାର ଆକର୍ଷଣକୁ ସେ ନିୟନ୍ତ୍ରଣ କରିପାରିଛନ୍ତି.ସ୍ୱର୍ଗରେ

Copyright © www.gospel.net

ତାଙ୍କ ଜୀବନ ଇଶ୍ୱରଙ୍କୁ ପ୍ରୀତ କଲା.ଯୀଶୁ ଆମ ପାପ ଗ୍ରହଣ କରି ନିଜେ କ୍ରୁଶବିଦ୍ଧ ହେଲେ.ସେ ହିଁ ଆମ ଜୀବନର ରକ୍ଷକ(ସେ ହିଁ ଆମକୁ ରକ୍ଷା କରିପାରିବେ କାରଣ ସେ ବୁଡ଼ିଯାଉନଥିଲେ).କ୍ରୁଶରେ ଯିଶୁ ମୃତ୍ୟୁବରଣ କରିବାର ଉଦ୍ଦେଶ୍ୟ ଆମ ପାପର ମୂଲ୍ୟ ଦେବା ଏବଂ ଆମଠୁଁ ପାପକୁ ସମ୍ପୂର୍ଣ୍ଣରୂପେ ନେଇଯିବା ଆଉ ଇଶ୍ୱରଙ୍କ ସହ ଆମ ସମ୍ବନ୍ଧ ସ୍ଥାପନ କରିବା.ଇଶ୍ୱରଙ୍କ ଶକ୍ତି ଦ୍ୱାରା ଆମେ ଆଧାତ୍ମିକ ମୃତ୍ୟୁରୁ ବଞ୍ଚିଆସିଲେ.ଏହି ନୂଆ ସମ୍ବନ୍ଧର ନାମ ପୁନର୍ଜୀବନ ଲାଭ କରିବା.ଏହା ହିଁ ଆମ ଅସ୍ତିତ୍ୱ ଏବଂ ସୃଷ୍ଟିର ଉଦ୍ଦେଶ୍ୟ ଯାହା ଆମକୁ ଆମ ଜୀବନର ପ୍ରକୃତ ଅର୍ଥ ଦିଏ.

| | |
|---|---|
| *ଜନ୍ 11:25* | *ଯୀଶୁ ନାରୀଙ୍କୁ କହିଲେ,ମୁଁ ହିଁ ପୁନର୍ଜୀବନ ଏବଂ ଜୀବନ.ଯିଏ ମୋତେ ବିଶ୍ୱାସ କରେ,ଯଦିଓ ସେ ମୃତ୍ୟୁବରଣ କରିବ,ନିଶ୍ଚୟ ବଞ୍ଚିବ.* |
| *ରୋମାନ ୬:୯* | *ଯୀଶୁଙ୍କ ଉପରେ ମୃତ୍ୟୁର ପ୍ରଭୁତ୍ୱ କିଛି ନାହିଁ,ଯେହେତୁ ସେ ମୃତ୍ୟୁରୁ ଜାତ.* |
| *ଅଙ୍କ ୨:୨୪* | *ଯାହାଙ୍କୁ ଇଶ୍ୱର ହିଁ ଉଠାଇଲେ,. ମୃତ୍ୟୁର ଯନ୍ତ୍ରଣାକୁ ଲାଘବ କରି,ଏହା ଅସମ୍ଭବ ଯେ ସେ ମୃତ୍ୟୁଦ୍ୱାରା ବନ୍ଧୀ ହେବେ.* |
| *ରୋମାନ ୧୪:୯* | *ଏଥିପାଇଁ ଯୀଶୁ ମୃତ୍ୟୁବରଣ କଲେ,ଉଠିଲେ ଏବଂ ପୁନର୍ଜୀବନ ପାଇଲେ.ସେ ହିଁ ମୃତ ଏବଂ ଜୀବିତର ସ୍ୱାମୀ.* |
| *ଅଙ୍କ ୧:୧୧* | *ଯୀଶୁ ପୁଣି କହିଲେ ଯେ,ହେ ଗାଲିଲିର ମଣିଷ,ସ୍ୱର୍ଗ ଆଡ଼କୁ ମୁହଁ କରି କାହିଁକି ଛିଡ଼ା ହୋଇଛୁ? ସେଇ ଯୀଶୁ ହିଁ ଯାହାଙ୍କୁ ସ୍ୱର୍ଗକୁ ନିଆଯାଇଥିଲା,ସେ ପୁଣି ଫେରିବେ ଯେମିତି ସ୍ୱର୍ଗକୁ ଯାଇଥିଲେ.* |

ଆମ ପାପ ପାଇଁ ଯୀଶୁଙ୍କ ତ୍ୟାଗ ସ୍ୱର୍ଗରେ ଇଶ୍ୱରଙ୍କଦ୍ୱାରା ଗ୍ରହଣ କରାଯିବାର ପ୍ରମାଣ କଣ? ଇଶ୍ୱରଙ୍କ ଦ୍ୱାରା ମୃତ୍ୟୁରୁ ଯୀଶୁଙ୍କର ପୁନର୍ଉତ୍ଥାନ ହିଁ ଏହାର ପ୍ରମାଣ.ଏହି ପୁନରଉତ୍ଥାନ ହିଁ ପ୍ରମାଣ କଲା ଯେ ଯୀଶୁ ମୃତ୍ୟୁକୁ ଜିଣିଛନ୍ତି(ଅନ୍ୟ ଶବ୍ଦରେ ମୃତ୍ୟୁର କିଛି ପ୍ରଭାବ ତାଙ୍କ ଉପରେ ନାହିଁ).ତେଣୁ ଏବେ ଯୀଶୁ ଏଠି ଜୀବନ ନିର୍ବାହ କରନ୍ତି  ଏବଂ ଆମେ ମଧ୍ୟ କରିପାରୁ.ତାଙ୍କ ଜୀବନ ହିଁ ଆମକୁ ଜୀବନ ଦେଇଛି.ଆଉମଧ୍ୟ,ସେ ପୁନର୍ଜୀବନ ପାଇଲେ,ସେ ଜୀବିତ.

| | |
|---|---|
| *ଜନ 5:24* | *ନିଶ୍ଚିତଭାବରେ,ମୁଁ ତୁମକୁ କହେଁ ଯେ,ଯିଏ ମୋର ଶବ୍ଦ ଶୁଣେ ଏବଂ ତାଙ୍କୁ ବିଶ୍ୱାସ କରେ ଯିଏ ମୋତେ ଏଠାକୁ ପଠେଇଛି.ସେ ନିଶ୍ଚୟ ଚିରଜୀବନ ଲାଭ କରିବ ଏବଂ ଶେଷ ବିଚାରକୁ ତାକୁ ଆସିବାକୁ ହେବ ନାହିଁ,ସେ ମୃତ୍ୟୁରୁ ମୁକ୍ତି ପାଇ ନୂଆଜୀବନ ପାଇବ.* |
| *ଜନ୍ ୧୦:୯* | *ମୁଁ ହିଁ ଦ୍ୱାର.ଯଦି କେହି ମୋ ଦ୍ୱାରା ପ୍ରବେଶ କରେ,ସେ ହିଁ ରକ୍ଷା ପାଇବ ଏବଂ ଚାରଣ ଭୂଇଁ ଖୋଜି ପାଇବ.* |
| *ଜନ୍ ୧୪:୬* | *ଯୀଶୁ ତାଙ୍କୁ କହିଲେ,ମୁଁ ହିଁ ପଥ,ସତ୍ୟ ଏବଂ ଜୀବନ.ମୋ ବିନା କେହି ପିତାଙ୍କ ପାଖକୁ ଆସିପାରନ୍ତି ନାହିଁ.* |
| *ଜନ୍ ୮:୨୪* | *ସେଥିପାଇଁ ତୁମକୁ ମୁଁ କହିଲି ଯେ ତୁମେ ତୁମର ପାପରେ ମୃତ୍ୟୁବରଣ କରିବ,ଯଦି ତୁମେ ଏହା ବିଶ୍ୱାସ କରନାହିଁ ଯେ ମୁଁ ହିଁ ସେ,ତୁମେ ତୁମର ପାପରେ ମୃତ୍ୟୁବରଣ କରିବ.* |
| *ଅଙ୍କ ୪:୧୨* | *ଅନ୍ୟ କେଉଁଠି ଆଉ ମୁକ୍ତି ନାହିଁ,କାହିଁକି ନା ସ୍ୱର୍ଗରେ ମଣିଷ ପାଇଁ ଆଉ ଅନ୍ୟ କେହି ନାହାନ୍ତି.* |
| *ରୋମାନ୍ ୧୦:୧୩* | *ଯିଏ ଇଶ୍ୱରଙ୍କ ନାମ ନେବ,ସେ ହିଁ ରକ୍ଷା ପାଇବ.* |

Copyright © www.gospel.net

| | |
|---|---|
| *ରୋମାନ୍ ୧୦:୧୧* | *ପୁରାଣଶାସ୍ତ୍ର କହେ,ତାଙ୍କ ଉପରେ ଯିଏ ବିଶ୍ଵାସ କରିବ ତାକୁ କେବେ ଲଜ୍ଜିତ ହେବାକୁ ପଡ଼ିବ ନାହିଁ.* |
| *ରୋମାନ୍ ୨:୧୧* | *ଇଶ୍ଵରଙ୍କ ଠାରେ ପକ୍ଷପାତିତା ନାହିଁ.* |
| *ରୋମାନ୍ ୩ :୨୨* | *ଯୀଶୁଙ୍କ ଦ୍ଵାରା ବିଶ୍ଵାସରେ ହିଁ ଇଶ୍ଵରଙ୍କ ସତ୍ୟତା ସମସ୍ତଙ୍କ ଉପରେ. କାରଣ ଅନ୍ତର ହିଁ ନାହିଁ* |
| *ରୋମାନ୍ ୧୦:୯* | *ଯଦି ତୁମେ ନିଜେ ଦୋଷ ସ୍ଵୀକାର କରିବ ଏବଂ ହୃଦୟରେ ବିଶ୍ଵାସ କରିବ ଯେ ଇଶ୍ଵର ଯୀଶୁଙ୍କୁ ମୃତଠାରୁ ଉଠାଇ ଆଣିଛନ୍ତି,ତୁମେ ରକ୍ଷା ପାଇଯିବ.* |

କେମିତି ଆମକୁ ପାପରୁ ମୁକ୍ତି ମିଳିବ ଏବଂ କେମିତି ଆମେ ନୂଆ ଜୀବନ ପାଇବା? ଯୀଶୁଙ୍କ ଉପରେ ଆମର ଇଶ୍ଵର ଏବଂ ରକ୍ଷାକର୍ତ୍ତା ଭାବରେ ବିଶ୍ଵାସ କରି ଆମେ ପାପରୁ ମୁକ୍ତି ପାଇବା ଏବଂ ନୂଆ ଜୀବନ ପାଇବା.ଆମେ ଯଦି ଆମର ପାପକର୍ମ ଉପରେ ପଶ୍ଚାତାପ କରିବା ଏବଂ ଯୀଶୁଙ୍କୁ ଆମକୁ କ୍ଷମା କରିବା ପାଇଁ ଏବଂ ରକ୍ଷା କରିବା ପାଇଁ ଡାକିବା,ସେ ନିଶ୍ଚୟ ଏହା କରିବେ.ଯୀଶୁ ହିଁ ଇଶ୍ଵରଙ୍କ ସନ୍ତାନ ଯିଏ ଆମର ପାପ ପାଇଁ ମୃତ୍ୟୁବରଣ କରିବାକୁ ଆସିଥିଲେ.ଯିଏ କେହି ଜଗତରେ ତାଙ୍କ ଉପରେ ବିଶ୍ଵାସ ରଖିବ,ସେ ନିଶ୍ଚୟ ଇଶ୍ଵରଙ୍କଠାରୁ କ୍ଷମା ପାଇବ,ପାପରୁ ରକ୍ଷା ପାଇ ଇଶ୍ଵରଙ୍କଠୁଁ ନୂଆ ଜୀବନ ଲାଭ କରିବ.ଇଶ୍ଵରଙ୍କଠାରେ କୌଣସି ପକ୍ଷପାତିତା ନାହିଁ.ସେ ଆମେ ଯେଉଁ ସହର ନଗରରେ ବାସକରୁଁ,ତଦ୍ଵାରା ପ୍ରଭାବିତ ନୁହନ୍ତି,ଆମେ ଯେଉଁ ଭାଷା କହୁ,ଧନୀଗରୀବ,ଯୌବନବାର୍ଦ୍ଧକ୍ୟ ବା କୌଣସି ଶାରିରୀକ ଭେଦରେ ସେ ପ୍ରଭାବିତ ନୁହଁନ୍ତି.ଯିଏ ଯୀଶୁଙ୍କୁ ବିଶ୍ଵାସ କରେ ଏବଂ ନିଜ ଦୋଷ ମାନେ,ସେ ରକ୍ଷା ପାଇବ.ନିମ୍ନରେ ଏକ ପ୍ରାର୍ଥନା ରହିଛି,ଯଦି ତୁମେ ଯୀଶୁଙ୍କୁ ଅନୁସରଣ କରିବାକୁ ଚାହଁ,ପ୍ରାର୍ଥନା କରିପାରିବ:

*ହେ ଇଶ୍ଵର,ଆପଣ ନିଜର ସନ୍ତାନ ଯୀଶୁଙ୍କୁ ଆମ ପାପ ମୋଚନ କରିବା ପାଇଁ ପଠାଇ ଥିବାରୁ ଅଶେଷ ଧନ୍ୟବାଦ,ମୁଁ ରକ୍ଷା ପାଇପାରିବି ଏବଂ ସ୍ଵର୍ଗରୁ ଏକ ନୂଆ ଜୀବନ ପାଇବି.ମୋର କର୍ମ ପାଇଁ ମୁଁ ଅନୁତପ୍ତ,ଏବଂ ମୋର ପାପ ପାଇଁ ମୁଁ କ୍ଷମା ଭିକ୍ଷା କରେ.ମୁଁ ଯୀଶୁଙ୍କୁ ବିଶ୍ଵାସ କରେ ଏବଂ ତାଙ୍କୁ ମୋର ସ୍ଵାମୀ ଏବଂ ରକ୍ଷାକର୍ତ୍ତା ଭାବେ ଗ୍ରହଣ କରେ.ଏହି ନୂଆ ଜୀବନରେ ଆପଣଙ୍କୁ ପ୍ରୀତକରୁଥିବା ଜୀବନ ବଞ୍ଚିବାକୁ ମୋତେ ଆପଣ ବାଟ ଦେଖାନ୍ତୁ.ଶାନ୍ତି*

ଯଦି ଆପଣ ଉପରୋକ୍ତ ପ୍ରାର୍ଥନା କରିଛନ୍ତି,ତେବେ ଇଶ୍ଵରଙ୍କୁ କହନ୍ତୁ ଆପଣଙ୍କ ପାଇଁ ସେ ଏକ ଚର୍ଚ୍ଚ ଦେଖାଇବେ.ପ୍ରତିଦିନ ଇଶ୍ଵରଙ୍କ ସହ କଥା ହୁଅନ୍ତୁ,ସେ ନିଶ୍ଚୟ ତୁମ ସହ କଥା ହେବେ.ଇଶ୍ଵରଙ୍କ ସ୍ଵରକୁ ଶୁଣନ୍ତୁ.ଇଶ୍ଵର ତୁମକୁ ପଥପ୍ରଦର୍ଶନ କରିବେ.ସେ ତୁମକୁ ଭଲ ପାଆନ୍ତି ଏବଂ ତୁମର ଯତ୍ନ ନେବେ.ତୁମେ ତାଙ୍କୁ ବିଶ୍ଵାସ କର.ତାଙ୍କ ଉପରେ ଯିଏ ବିଶ୍ଵାସ ରଖେ,ସେ କେବେ ବିଫଳ ହୁଏନି.ଇଶ୍ଵର ସର୍ବୋତ୍ତମ ଅଟନ୍ତି.ତାଙ୍କୁ ବିଶ୍ଵାସ କରାଯାଇପାରେ.ତୁମର ଜୀବନ ପାଇଁ ତାଙ୍କ ଉପରେ ତୁମେ ନିର୍ଭର କରିପାର.ତାଙ୍କ ସାମ୍ନାରେ ତୁମର ଅଭାବଗୁଡ଼ିକୁ ଆଣ.ସେ ତୁମର ଯତ୍ନ କରନ୍ତି ଏବଂ ସେ ତୁମକୁ ଆଶୀର୍ବାଦ ଦେବେ.ଇଶ୍ଵର କହନ୍ତି,ମୁଁ କେବେ ବି ତୁମକୁ ପରିତ୍ୟାଗ କରିବିନି.ଇଶ୍ଵରଙ୍କ ଉପରେ ଆସ୍ଥା ରଖନ୍ତୁ.ଯୀଶୁଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରନ୍ତୁ.

ପ୍ରତିଦିନ ଜନ୍‌ଙ୍କ ବହିଠୁଁ ଆରମ୍ଭ କରି ବାଇବେଲ ପଢନ୍ତୁ.ଅଧିକ ଜାଣିବା ପାଇଁ,ଏଠି କ୍ଲିକ୍ କରନ୍ତୁ

Copyright © www.gospel.net 